## ସଂକ୍ଷେପରେ

### ଗୋପାଳପୁର ବନ୍ଦରକୁ ୮ ନମ୍ବର ସଙ୍କେତ

ଗୋପାଳପୁର,୨୩।୧୦(ନବୀନ ରାଜ ଆଚାରୀ) ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ଦାନା' ସ୍ଥଳଭାଗ ଆଡ଼କୁ ମାଡି ଆସୁଛି। ଏହାର ପ୍ରଭାବରେ ଗଞ୍ଜାମ ଜିଲାରେ ବୁଧବାର ଓ ଗୁରୁବାର ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବୁଧବାର କୋହଲା ପାଗ ରହିଥିଲା। ଗୁରୁବାର ଓ ଶୁକ୍ରବାର ଜିଲାରେ ୪୦ ରୁ ୫୦ କି.ମି. ବେଗରେ ପବନ ବୋହିବା ସହ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଗୋପାଳପୁର ବନ୍ଦରରେ ୮ ନମ୍ବର ବିପଦ ସଙ୍କେତ ଜାରି କରାଯାଇଛି। ଗୋପାଳପୁର ଏନଏସି ଓ ପୋଲିସ ପକ୍ଷରୁ ଗୁରୁବାର ଓ ଶୁକ୍ରବାର ବେଳାଭୂମିକୁ ପର୍ଯ୍ୟଟକଙ୍କୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ବେଳାଭୂମିରେ ଥିବା ଉଠା ଦୋକାନୀମାନେ ସେମାନଙ୍କ ସାମଗ୍ରୀ ସ୍ଥାନାନ୍ତରିତ କରୁଥିବା ବେଳେ ମତ୍ସ୍ୟଜୀବୀମାନେ ମଧ ସେମାନଙ୍କ ଡ଼ଙ୍ଗା ଓ ଜାଲକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରି ମତ୍ସ୍ୟଜିବିମାନେ ଡ଼ଙ୍ଗା ଓ ଜାଲକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଥିବା ଦେଖିବାକୁ ମିଳିଛି। ଏନଏସି ବାତ୍ୟା ପାଇଁ ସଜାଗ ରହିଛି। ତଳିଆ ଅଞ୍ଚଳରେ ରହୁଥିବା ୨୫ରୁ ଉର୍ଦ୍ଧ୍ୱ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳିକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିବା ଜଣାପଡ଼ିଛି।

### ବିସ୍ଫୋରକ ଦ୍ରବ୍ୟ ଜବତ, ଜଣେ ଗିରଫ

ଭଞ୍ଜନଗର,୨୩।୧୦(ବାବୁଲା ପ୍ରଧାନ): ଭଞ୍ଜନଗର ପୋଲିସ ବୁଧବାର ତୁଳସୀପଲ୍ଲୀ ଗ୍ରାମର ଦିଲୀପ କୁମାର ସାହୁଙ୍କ ଘରେ ଚଢ଼ାଉ କରି ବାଣ ତିଆରି ପାଇଁ ରଖାଯାଇଥିବା ୩୦ କେଜି ଗନ ପାଉଡର ସମେତ ବିଭିନ୍ନ ବାଣ ଜବତ କରିଛି। ଏଥିସହ ଦିଲୀପଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଥାନା ଏଏସଆଇ ଶରତ ଚନ୍ଦ୍ର ପଣ୍ଡା କୁଲାଡ ରୋଡରେ ପାଟ୍ରୋଲିଂ କରୁଥିବା ବେଳେ କୌଣସି ସୂତ୍ରରୁ ସୂଚନା ପାଇ ଦିଲୀପଙ୍କ ଘରେ ଚଢ଼ାଉ କରି କରିଥିଲେ। ପୋଲିସର ଏଭଳି ଚଢ଼ାଉ ପରେ ଭଞ୍ଜନଗର ଅଞ୍ଚଳରେ ବିନା ଲାଇସେନ୍ସରେ ବାଣ ବିକ୍ରି କରୁଥିବା ବ୍ୟବସାୟୀମାନେ ଆତଙ୍କିତ ହୋଇପଡିଛନ୍ତି।

### 'ଦାନା' ମୁକାବିଲା ନେଇ ବୈଠକ

ମୋହନା/ଆର.ଉଦୟଗିରି, ୨୩।୧୦(ମନ୍ମଥ ମିଶ୍ର/ମନୋଜ ପାଢୀ) ବାତ୍ୟା 'ଦାନା'ର ମୁକାବିଲା କରିବା ପାଇଁ ବୁଧବାର ଗଜପତି ଜିଲା ମୋହନା ବ୍ଲକରେ ବିଡିଓ ରାଜୀବ ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବାତ୍ୟା ପାଇଁ ଭୟଭୀତ ନ ହେବାକୁ ଲୋକଙ୍କୁ ସଚେତନ କରାଯିବାକୁ ଆଲୋଚନା ହୋଇଥିଲା। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦୀପକ ପ୍ରଧାନ, ପିଇଓ ସନ୍ତୋଷ କରାଇ, ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ବିଷୋୟୀଙ୍କ ସହ ଅଗ୍ନିଶମ ବିଭାଗ ଅଧିକାରୀ ତାରାକାନ୍ତ ମହାପାତ୍ର, ମୋହନା ସରପଞ୍ଚ ସୁନିତା ମଲ୍ଲିକ, ଶିଶୁ ବିକାଶ ଅଧିକାରୀ ସବିତା ପଟ୍ଟନାୟକ, ସ୍ୱାସ୍ଥ୍ୟ ବିଭାଗକର୍ମଚାରୀ ଉପସ୍ଥିତ ଥିଲେ। ସମସ୍ତ ଅଧିକାରୀଙ୍କୁ ବିଡିଓ ନିଜ ନିଜ ପଞ୍ଚାୟତରେ ରହି ଲୋକଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସ୍ଥାନୀୟ ଆର. ଉଦୟଗିରି ବ୍ଲକ କାର୍ଯ୍ୟାଳୟରେ ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବିଡିଓ ସଭାପତିତ୍ୱ କରିଥିଲେ। ତହସିଦାର, ସାମାଜିକ ସୁରକ୍ଷା ଅଧିକାରୀ, ସିଡିପିଓ, ଜିପିଇଓ, କୃଷି ଅଧିକାରୀ ଓ ମେଡିକଲ ଅଧିକାରୀ,ଜନ ପ୍ରତିନିଧି, ପିଇଓ, ଅଙ୍ଗନୱାଡି କର୍ମୀ ଉପସ୍ଥିତ ରହି ଲୋକଙ୍କ ସୁରକ୍ଷା ନେଇ ଆଲୋଚନା କରିଥିଲେ।

# ବାତ୍ୟା ମୁକାବିଲା ପ୍ରସ୍ତୁତି ସମୀକ୍ଷା କଲେ ମନ୍ତ୍ରୀ ବିଭୂତି

ଛତ୍ରପୁର,୨୩।୧୦(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):


ମନ୍ତ୍ରୀ ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି ।

ବାତ୍ୟା 'ଦାନା'ରେ ଗଞ୍ଜାମ ଜିଲାରେ ଧନ ଜୀବନକୁ ସୁରକ୍ଷା ପ୍ରଦାନ ସହ ଯୋଉଭଳି ଜିରୋ କାଜୁଆଲିଟି ରହିବ ସେଥି ସକାଶେ ସମସ୍ତ ପ୍ରସ୍ତୁତି କରାଯାଇଛି। ଜିଲାର ସମୁଦ୍ରକୂଳିଆ ଓ ନଦୀ ପାର୍ଶ୍ୱରେ ବସବାସ କରୁଥିବା ଲୋକେ, ମାଟିକାନ୍ଥ ଘରେ ରହୁଥିବା ପରିବାର, ଚିଲିକା କୂଳିଆ, କଚ୍ଚା ଘରେ କିମ୍ବା ବିପଦପୂର୍ଣ୍ଣ ସ୍ଥିତିରେ ଥିବା ଘରର ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରି ରନ୍ଧାଖାଦ୍ୟ ପ୍ରଦାନ କରିବା ନିମନ୍ତେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଆଭାସୀ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। ସନ୍ଧ୍ୟାରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଛତ୍ରପୁରସ୍ଥିତ ସର୍କିଟ ହାଉସରେ ଜିଲାପାଳଙ୍କ ସହ ବାତ୍ୟା ମୁକାବିଲା ଲାଗି ସମୀକ୍ଷା କରିଛନ୍ତି । ବାତ୍ୟା 'ଦାନା'କୁ ନେଇ ଗଞ୍ଜାମ ଜିଲା ୟେଲୋ ୱାର୍ଣ୍ଣିଂରେ ଅଛି । ଗଞ୍ଜାମ ଜିଲାରେ ବିଶେଷ ଭାବେ ପ୍ରଭାବ ନଥିବା ବେଳେ ଏହାର ମୁକାବିଲା ଲାଗି ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ଏଯାବତ୍ ଜିଲାରେ ୧୦୯ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ରହିଥିବା ବେଳେ ଅତିରିକ୍ତ ୭୦୦ଟି ଆଶ୍ରୟସ୍ଥଳୀ ଚିହ୍ନଟ କରାଯାଇଛି । ଜିଲାରେ ସମସ୍ତ ବିଭାଗର ଛୁଟିକୁ ବାତିଲ କରାଯାଇଛି । ଆବଶ୍ୟକୀୟ ଔଷଧ, ଶୁଖିଲା ଖାଦ୍ୟ ସରଞ୍ଜାମ ମହଜୁଦ ରଖାଯାଇଛି। ଜିଲାରେ ଜିରୋ କାଜୁଆଲିଟିକୁ ଗୁରୁତ୍ୱ ଦିଆଯାଇଛି। ଲୋକଙ୍କୁ ସ୍ଥାନାନ୍ତରଣ ପ୍ରକ୍ରିୟା ମଧ ଚାଲୁରହିଛି । ଗଞ୍ଜାମ ଜିଲାବାସୀ ବଡ଼ ବାତ୍ୟାକୁ ସାମ୍ନା କରିଛନ୍ତି। ତେଣୁ ଭୟଭୀତ ହେବାର ଆବଶ୍ୟକ ନାହିଁ ବୋଲି ମନ୍ତ୍ରୀ ଜେନା କହିଛନ୍ତି। ସମସ୍ତ ବାତ୍ୟା ଆଶ୍ରୟ ସ୍ଥଳୀ ଗୁଡିକ ପ୍ରସ୍ତୁତ କରି ରଖାଯାଇଛି। ବାତ୍ୟା ପରେ ଜଳ ଯୋଗାଣ, ଧାନ ଜମିରେ ଯେପରି ସୁରକ୍ଷିତ ରହିପାରିବ ସେଥିଲାଗି ଧ୍ୟାନ ଦିଆଯାଇଛି। ଜିଲାପାଳଙ୍କ ସହ ମନ୍ତ୍ରୀଙ୍କ ସମୀକ୍ଷା ବେଳେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରିଣୀ ମଧୁମିତା, ଅତିରିକ୍ତ ଜିଲାପାଳ ସୁଧାଂଶୁ କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

**ଗର୍ଭବତୀଙ୍କୁ ହସ୍ପିଟାଲରେ ଭର୍ତ୍ତି**

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ): ବାତ୍ୟାକୁ ଦୃଷ୍ଟିରେ ରଖି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗର୍ଭବତୀଙ୍କୁ ଚିହ୍ନଟ କରାଯାଇଛି। ପ୍ରସବ ସମୟ ପାଖେଇ ଆସିଥିବା ମହିଳାଙ୍କୁ ଚିହ୍ନଟ କରି ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ମା' ଗୃହକୁ ଅଣାଯାଇଛି। ଜିଲାର ମୋଟ ୪୬୯ଜଣଙ୍କୁ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ୨୭୯ଜଣ ମାତୃତ୍ୱ ଲାଭ କରିଛନ୍ତି। ଅନ୍ୟମାନେ ମା' ଗୃହ ଓ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଛନ୍ତି।

# ଭଞ୍ଜନଗର ଶୀତଳଭଣ୍ଡାର ଉଦ୍‌ଘାଟିତ

## ଗଞ୍ଜାମରେ ୧୮ଟି କ୍ଷୁଦ୍ର ଶୀତଳଭଣ୍ଡାର ନିର୍ମାଣ ହେବ

ଭଞ୍ଜନଗର,୨୩।୧୦(ବାବୁଲା ପ୍ରଧାନ):


ବିଧାୟକ ଶୀତଳଭଣ୍ଡାରକୁ ଉଦ୍‌ଘାଟନ କରୁଛନ୍ତି।

ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ବୁଧବାର ୨୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୧୦ ମେଟ୍ରିକ ଟନ ବିଶିଷ୍ଟ ସୌରଚାଳିତ ଶୀତଳଭଣ୍ଡାର ଉଦ୍‌ଘାଟିତ ହୋଇଯାଇଛି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଭଞ୍ଜନଗର ଉପଜିଲାପାଳ ତଥା ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ଅନିଲ କୁମାର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଗାମୀ ଦିନରେ ଏଠାରେ ଉପଖଣ୍ଡର ଚାଷୀ ଏବଂ ବ୍ୟବସାୟୀ ମାନଙ୍କ ସୁବିଧା ପାଇଁ ବଡ ଶୀତଳଭଣ୍ଡାର ନିର୍ମାଣ ହେବ। ସ୍ଥାନୀୟ ବିଧାୟକଙ୍କ ସହଯୋଗରେ ଏଥିପାଇଁ ପ୍ରସ୍ତୁତି ଚାଲିଛି ବୋଲି କହିଥିଲେ। ପ୍ରକଳ୍ପ ସଂଯୋଜକ ଟୁଡୁ କହିଥିଲେ ଦେଢ଼ ବର୍ଷ ପୂର୍ବେ ରାଉରକେଲାରେ ଏଭଳି ୫ଟି ଶୀତଳଭଣ୍ଡାର ନିର୍ମାଣ ହୋଇଥିଲା। ତାହା ସଫଳ ହେବା ପରେ ବର୍ତ୍ତମାନ ଗଞ୍ଜାମ ଜିଲାର ବିଭିନ୍ନ ଆର୍‌ଏମସି ମାଧମରେ ୧୮ଟି ଏହିଭଳି କ୍ଷୁଦ୍ର ଶୀତଳଭଣ୍ଡାର ନିର୍ମାଣ ହେବ। ସେଥିମଧ୍ୟରୁ ଭଞ୍ଜନଗରରେ ଗୋଟିଏ ଉଦ୍‌ଘାଟିତ ହୋଇଥିବା ବେଳେ ବୁଗୁଡ଼ାରେ ନିର୍ମିତ ଆଉ ଏକ ଶୀତଳଭଣ୍ଡାର ଖୁବଶୀଘ୍ର ଉଦଘାଟନ ହେବାକୁ ଯାଉଛି। ଦିଗପହଣ୍ଡି, ବ୍ରହ୍ମପୁର, ଆସିକା ଆଦି ଅଞ୍ଚଳରେ ଆଉ ୧୬ଟି ଶୀତଳଭଣ୍ଡାର ନିର୍ମାଣ ହେବ ବୋଲି ଟୁଡୁ କହିଥିଲେ। ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇ ଥିଲେ। ଶୀତଳଭଣ୍ଡାରରେ ବିଭିନ୍ନ ପରିବା ସହ ଫଳ ୭ଦିନରୁ ୭ମାସ ପର୍ଯ୍ୟନ୍ତ ରହିପାରିବ। ଆର୍‌ଏମସି ସଂପାଦକ କସ୍ତୁରୀ ସନ୍ନ୍ୟାସୀ ରାଜୁ ସଭାକୁ ସଂଯୋଜନା କରିଥିଲେ। ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ ପ୍ରମୁଖ ଉପସ୍ଥିତ ଥିବା ଏଡିପିଆରଓ ଗୌରୀ ଶଙ୍କର ଶତପଥୀ ସୂଚନା ଦେଇଛନ୍ତି।

### ଦାନାକୁ ନେଇ କଳାବଜାର ହିଞ୍ଜିଳି ବଜାରରୁ ଆଳୁ ଉଭାନ,ଶେରଗଡ଼ରେ କେଜି ୫୫

ହିଞ୍ଜିଳିକାଟୁ/ଶେରଗଡ଼ ୨୩।୧୦(ଦ୍ୱିତୀକୃଷ୍ଣ ପଣ୍ଡା/ସୂର୍ଯ୍ୟ ନାରାୟଣ ଦାଶ): ପାଣିପାଗ ବିଭାଗର ପୂର୍ବାନୁମାନ ଓ ସାମ୍ଭାବ୍ୟ ବାତ୍ୟା 'ଦାନା'କୁ ନେଇ ପ୍ରଶାସନିକ ସ୍ତରରେ ମୁକାବିଲାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ତେବେ ବାତ୍ୟା ଆଶଙ୍କା ରେ ଲୋକେ ଭୟଭୀତ ଅଛନ୍ତି। ଲୋକମାନେ ଆବଶ୍ୟକତା ଠାରୁ ଅଧିକ ପରିମାଣରେ ଖାଦ୍ୟ ସାମଗ୍ରୀର ମହଜୁଦ ପାଇଁ ଉଦ୍ୟମ କରିଛନ୍ତି। ଏହାର ସୁଯୋଗ ନେଇ ବ୍ୟବସାୟୀମାନେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ପରିବା ଦର ବୃଦ୍ଧି କରିଛନ୍ତି। ସ୍ଥାନୀୟ ବଜାରରୁ ଆଳୁ ଉଭାନ ହୋଇ ଯାଇଥିବା ଦେଖିବାକୁ ମିଳିଛି । ମଙ୍ଗଳବାର ସକାଳେ ହିଞ୍ଜିଳିକାଟୁ ସହରର ଖୁରୁରା ବଜାରରେ ଆଳୁ କିଲୋଗ୍ରାମ ପ୍ରତି ଦର ୩୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ସନ୍ଧ୍ୟାରେ ୩୫ ଟଙ୍କା ଓ ବୁଧବାର ସକାଳେ ଦର ୪୦ ଟଙ୍କା ରହିଛି । ସେହିପରି ପିଆଜ ଦର ଗତ ୨ ଦିନ ମଧ୍ୟରେ କିଲୋଗ୍ରାମ ପ୍ରତି ଦର ୨୦ ଟଙ୍କା ବୃଦ୍ଧି ପାଇଥିବା ଜଣାପଡିଛି । ପିଆଜ କିଲୋଗ୍ରାମ ପିଛା ଦର ୭୦ ରୁ ୮୦ ଟଙ୍କା ରହିଛି । ଏନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ସେହିପରି ଶେରଗଡ ବଜାର ଉପରେ ମଧ ଦାନା ପ୍ରଭାବ ପଡିଛି। ଆଳୁଦର କିଲୋପ୍ରତି ୩୫ ଥିବା ବେଳେ ୨୩ ତାରିଖ ସକାଳେ ୫୫ରେ ପହଞ୍ଚିଛି। ଫଳରେ ଖାଉଟି ହନ୍ତସନ୍ତ ହେଉଛନ୍ତି। ଯୋଗାଣ ବିଭାଗ ପଦକ୍ଷେପ ନେବାକୁ ସାଧାରଣ ରେ ଦାବି ହେଉଛି।

### ଲକ୍ଷାଧିକ ଟଙ୍କାର ବାଣ ଜବତ, ୨ ଗିରଫ

ପାତ୍ରପୁର,୨୩।୧୦(ଉମା ଚରଣ ନେପାକ): ଜରଡା ଥାନା ଅଞ୍ଚଳରେ ବିନା ଲାଇସେନ୍ସରେ ବାଣ ବ୍ୟବସାୟ ଚାଲିଛି। ବୁଧବାର ପୋଲିସ ପକ୍ଷରୁ ଆନ୍ଧ୍ର ସୀମାକୁ ଲାଗିଥିବା ଶବରଦେଇପେଟା ଠାରେ ଚଢାଉ କରାଯାଇ ଲକ୍ଷାଧିକ ଟଙ୍କାର ବାଣ ଜବତ କରାଯିବା ସହ ୨ ଜଣଙ୍କୁ ଗିରଫ କରାଯାଇଛି। ଚଢାଉ ବେଳେ ଜଣେ ଫେରାର ହୋଇଯାଇଛନ୍ତି। ପୋଲିସ ପକ୍ଷରୁ ପୃଥକ ୩ ମାମଲା (ନଂ. ୩୩୬, ୩୩୭ ଓ ୩୩୮/୨୪) ରୁଜୁ କରାଯାଇଛି। ଆଗକୁ ଦିପାବଳୀ ଆସୁଥିବା ବେଳେ ବିନା ଲାଇସେନ୍ସରେ ଅନେକ ବାଣ ଗୋଦାମ ଖୋଲି ଲକ୍ଷାଧିକ ଟଙ୍କାର ବ୍ୟବସାୟ ହୋଇସାରିଲାଣି । ବାଣ ଦୋକାନ ଗୁଡିକ ଜନବସତି ଅଞ୍ଚଳରେ ହୋଇଥିବା ବେଳେ ପ୍ରଶାସନ ନିରବ ହେବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି ।

# ବିଶ୍ୱଶାନ୍ତି ମହାଯଜ୍ଞ ଶୁଭସ୍ତମ୍ଭ ସ୍ଥାପନ


ମହାଯଜ୍ଞରେ ପୂଜାର୍ଚ୍ଚନା ଚାଲିଛି।

ଭଞ୍ଜନଗର,୨୩।୧୦(ବାବୁଲା ପ୍ରଧାନ): ଭଞ୍ଜନଗରରେ ନଭେମ୍ବର ୨୩ ତାରିଖରୁ ୫ ଦିନ ବ୍ୟାପୀ ୨୧ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ହେବ। ଏଥିପାଇଁ ମାସକ ପୂର୍ବରୁ ବୁଧବାର ସ୍ଥାନୀୟ ନିୟନ୍ତ୍ରୀତ ବଜାର କମିଟି ପଡ଼ିଆରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ସକାଳ ୮ଟାରୁ ଭେଜିପୁଟ ଶିବ ମନ୍ଦିରରୁ ଆଜ୍ଞାମାଳ ସହ ଶୋଭାଯାତ୍ରା ବାହାରି ରଘୁନାଥ ମନ୍ଦିର ପର୍ଯ୍ୟନ୍ତ ଆସିଥିଲା। ସେଠାରୁ ଆଜ୍ଞାମାଳକୁ ବିରାଟ ଶୋଭାଯାତ୍ରାରେ ନିୟନ୍ତ୍ରିତ ବଜାର କମିଟି ପଡ଼ିଆକୁ ନିଆଯାଇଥିଲା। ପୂଜାର୍ଚ୍ଚନା ପରେ ସେଠାରେ ଶୁଭସ୍ତମ୍ଭ ସ୍ଥାପନ ହୋଇଛି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଏବଂ ତାଙ୍କ ସ୍ତ୍ରୀ ତଥା ବରିଷ୍ଠ ନାରୀନେତ୍ରୀ ମଧୁସ୍ମିତା ନାୟକ କର୍ତ୍ତା ଭାବେ ପୂଜାରେ ବସିଥିଲେ। ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଉପାଧ୍ୟକ୍ଷା ଶୁଭଲକ୍ଷ୍ମୀ ଦାସ, ଡିଏଫଓ ହିମାଂଶୁ ଶେଖର ମହାନ୍ତି, ଆରଟିଓ ଶୁଭେନ୍ଦୁ ରାୟ, ନିର୍ବାହୀ ଅଧିକାରୀ ମୁରଲୀ ପଣ୍ଡା, ରମେଶ ପାତ୍ର, ବିପ୍ର ଚରଣ ବାରିକ, ସୁବଳ ପ୍ରଧାନ, ଡ ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ, ନୀଳ ମାଧବ ପାତ୍ର, ବିଷ୍ଣୁ ପ୍ରସାଦ ପ୍ରଧାନ, ଧୋବା ଗୌଡ, ଶିବ ଶଙ୍କର ପ୍ରଧାନ, ଗୋଲକ ନାୟକ, ହର ଗୌଡ, ପଦ୍ମନାଭ ପ୍ରଧାନ, ମାନସ ଜେନା, ଶିବ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଯଜ୍ଞକୁ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ସାଧୁସନ୍ଥ ସମେତ ଅନେକ ବରିଷ୍ଠ ନେତା ଆସିବା କାର୍ଯ୍ୟକ୍ରମ ରହିଛି।

# କୋର୍ଟରେ ବିଜୟୀ ଘୋଷିତ ହେଲେ ପରାଜିତ ପ୍ରାର୍ଥୀ

## ପଞ୍ଚାୟତ ନିର୍ବାଚନରେ ମିଥ୍ୟା ତଥ୍ୟ ଦେଇଥିଲେ କାର୍ଯ୍ୟରତ ୱାର୍ଡସଭ୍ୟ

ପାରଳାଖେମୁଣ୍ଡି/ମୋହନା,୨୩।୧୦ (ଗିରିଧାରୀ ପରିଛା/ମନ୍ମଥ ମିଶ୍ର)


ଜୟନ୍ତୀ ପଟ୍ଟନାୟକ ।

ଗଜପତି ଜିଲାରେ ୨୦୨୨ରେ ହୋଇଥିବା ପଞ୍ଚାୟତ ନିର୍ବାଚନରେ ମୋହନା ପଞ୍ଚାୟତର ୧୧ ନଂ. ୱାର୍ଡର ୱାର୍ଡସଭ୍ୟ ପାଇଁ ଦୁଇ ଜଣ ପ୍ରାର୍ଥୀ ପାର୍ଥିପତ୍ର ଦାଖଲ କରିଥିଲେ। ଏଥିରେ ନରତମା ପାତ୍ର ବିଜୟୀ ହୋଇଥିବା ବେଳେ ଜୟନ୍ତୀ ପଟ୍ଟନାୟକ ପରାଜିତ ହୋଇଥିଲେ। ତେବେ ନରତମାଙ୍କ ୪ଟି ସନ୍ତାନ ଥିବା ବେଳେ ସେ ଦୁଇଟି ସନ୍ତାନ ଥିବା ପ୍ରାର୍ଥିପତ୍ର ଦାଖଲ ବେଳେ ଦର୍ଶାଇଛନ୍ତି ବୋଲି ଅଭିଯୋଗ କରିଥିଲେ ଜୟନ୍ତୀ। ଏନେଇ ସେ ପଞ୍ଚାୟତିରାଜ ବିଭାଗ, ବ୍ଲକ ଅଧିକାରୀ ଓ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଜୟନ୍ତୀ ମୋହନା କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ଏହାକୁ ବିଚାର ପାଇଁ ଗ୍ରହଣ କରି ଜୟନ୍ତୀଙ୍କୁ ବିଜୟୀ ଘୋଷଣା କରିଛନ୍ତି। ରାୟ ପ୍ରକାଶ ପରେ ସେ କହିଛନ୍ତି ଯେ, ଧର୍ମର ଜୟ ହୋଇଛି। ମୁଁ ଆଗରୁ ଲୋକଙ୍କ ସେବା କରୁଥିଲି। ଏବେ ପୁଣି ଥରେ ସେବା କରିବାକୁ ସୁଯୋଗ ମିଳିଛି। ଆଇନଜୀବୀ ବିଭୂତି ପ୍ରସାଦ ପାତ୍ର ମାମଲା ପରିଚାଳନା କରୁଥିଲେ।

# ମୁଖ୍ୟରାସ୍ତା ଅବରୋଧ କଲେ ମହିଳା

## ମାସେ ହେଲା ଜଳ ଯୋଗାଣ ବନ୍ଦ

ଆର,ଉଦୟଗିରି,୨୩।୧୦ (ମନୋଜ କୁମାର ପାଢୀ):



ଆର. ଉଦୟଗିରି ବ୍ଲକ ପରିସଲ ଗ୍ରାମରେ ପ୍ରାୟ ଏକ ମାସ ହେବ ଜଳ ଯୋଗାଣ ବନ୍ଦ ରହିଛି। ଏହା ପ୍ରତିବାଦରେ ଗ୍ରାମର ମହିଳାମାନେ ବୁଧବାର ରାସ୍ତା ଅବରୋଧ କରିଥିଲେ। ପାଣି ଯୋଗାଣ କାରିବାକୁ ବାରମ୍ବାର ଗ୍ରାମବାସୀ ପ୍ରଶାସନକୁ ଅଭିଯୋଗ କରିଆସୁଥିଲେ କୌଣସି ସୁଫଳ ମିଳି ନ ଥିଲା। ତେଣୁ ବାଧ ହୋଇ ଗାଁର ସମସ୍ତ ମହିଳା ରାସ୍ତା ଅବରୋଧ କରିଥିଲେ। ଏହାଫଳରେ ୩୨୬ ଏ ପାରଳାଖେମୁଣ୍ଡି ଠାରୁ ବ୍ରହ୍ମପୁର ମୁଖ୍ୟ ରାଜପଥରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଖବର ପାଇ ଆରଡବ୍ଲୁ ବିଭାଗର କନିଷ୍ଠ ଯନ୍ତ୍ରୀ ପ୍ରଭାକର ମୁନି ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିଥିଲେ। ଗ୍ରାମ୍ୟ ଜଳ ଓ ପରିମଳ କମିଟି ନୂତନ ଗଠନ କରାଯିବା ସହ କମିଟି ସହମତ କ୍ରମେ ମହିଳା ମଣ୍ଡଳ ସଦସ୍ୟଙ୍କୁ ଗ୍ରାମରେ ଜଳ ଯୋଗାଣ କରିବାକୁ ଚାବି ହସ୍ତାନ୍ତର କରାଯାଇଛି ବୋଲି ଯନ୍ତ୍ରୀ କହିଛନ୍ତି । ଏହାପରେ ରାସ୍ତା ଅବରୋଧ ହଟିଛି।

# ବାର୍‌ହା ଆକ୍ରମଣରେ ମହିଳାଙ୍କ ମୃତ୍ୟୁ

ଛତ୍ରପୁର,୨୩।୧୦ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଛତ୍ରପୁର ବ୍ଲକ ପୋଟଲାମପୁର ଗାଁରେ ବାର୍‌ହା ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଶୋଭା ତରାଇ (୬୨)। ଶୋଭା ସକାଳେ ବିଲକୁ ଧାନ ଫସଲ ଦେଖିବାକୁ ଯାଇ ବହୁ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ଖୋଜିବାକୁ ବିଲକୁ ଯାଇଥିବା ବେଳେ ସେଠାରେ ତାଙ୍କର ରକ୍ତାକ୍ତ ମୃତଦେହ ପଡିଥିବା ଦେଖିଥିଲେ। ବାର୍‌ହା ଆକ୍ରମଣରେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ତହସିଲଦାର, ବନ ବିଭାଗକୁ ଖବର ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଯବାନ।

ତୁମୁଡିବନ୍ଧ,୨୨।୧୦(ଦୀପକ କୁମାର ପରସେଠ): କନ୍ଧମାଳ ଜିଲା ବେଲଘର ସିଆର୍‌ପିଏଫ କ୍ୟାମ୍ପର ୧୨୭ କେନ୍ଦ୍ରୀୟ ବଳ ଦ୍ୱାରା ମଙ୍ଗଳବାର ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯାଇଛି। ୧୨୭ ସିଆରପିଏଫ ବାଲିଗୁଡା ମୁଖ୍ୟ କାର୍ଯ୍ୟାଳୟ, କନ୍ଧମାଳର କମାଣ୍ଡାଣ୍ଟ ପଙ୍କଜ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଗିଥାମା.ଏସଙ୍କ ନେତୃତ୍ୱରେ ଯବାନମାନେ ବେଲଘର ତିନିଛକ ଠାରୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ସଫା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପରିସର ମଧ ସଫା କରିଥିଲେ। କାର୍ଯ୍ୟକ୍ରମରେ ବେଲଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ା ପ୍ରସନ୍ନ କୁମାର ସୁନା, କର୍ମଚାରୀ ଓ ବେଲଘର ଗ୍ରାମବାସୀ ମଧ ସାମିଲ ହୋଇଥିଲେ। ବେଲଘର ଏକ କୁଟିଆ ଆଦିବାସୀ ଅଧ୍ୟୁଷିତ ମ୍ୟାଲେରିଆ ପ୍ରବଣ ଅଞ୍ଚଳ ହୋଇଥିବାରୁ ପରିବେଶ ସଫା ସୁତରା ରଖିବା ନିହାତି ଜରୁରୀ। ପରିବେଶ ସଫା ରହିଲେ ସବୁଜ ସୁନ୍ଦର ଗାଁ ଓ ସବୁଜ ଭାରତ ହେବ ବୋଲି ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଗିଥାମା .ଏସ କହିବା ସହିତ ଏହି ବାର୍ତ୍ତା ଅଞ୍ଚଳର ସବୁ ଗ୍ରାମରେ ପହଞ୍ଚାଇବା ଆମର କର୍ତ୍ତବ୍ୟ ହେଉ ବୋଲି ମତ ଦେଇଛନ୍ତି।

# ଭାରୋତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ




କବିସୂର୍ଯ୍ୟନଗର,୨୩।୧୦(କୃପାସିନ୍ଧୁ ସ୍ୱାଇଁ): କବିସୂର୍ଯ୍ୟ ବଳଦେବ ବିଜ୍ଞାନ ମହାବିଦ୍ୟାଳୟ ଆନୁକୂଲ୍ୟରେ ଓଡିଶା ଭାରୋତ୍ତୋଳନ ସଂଗଠନ ନିର୍ଦ୍ଦେଶକ୍ରମେ ଦୁଇ ଦିନିଆ ପ୍ରତିଯୋଗିତା କବିସୂର୍ଯ୍ୟନଗର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ କଲେଜରୁ ୧୯ ବର୍ଷରୁ କମ ବର୍ଗର ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ୫୫ କେଜି ଭାରୋତ୍ତୋଳନରେ ବ୍ରହ୍ମପୁରର ନରୋତ୍ତମ ବାଡ଼ତ୍ୟା ପ୍ରଥମ, ସିପୁନ ମଡ଼କମ ଦ୍ୱିତୀୟ ଓ କେ. ତେଜେଶ୍ୱର ରାଓ ତୃତୀୟ, ୬୧ କେଜିରେ ବ୍ରହ୍ମପୁରର ସୋମନାଥ ପରତୋଷ ପ୍ରଥମ, ୬୭ କେଜିରେ ପ୍ରଥମ ବ୍ରହ୍ମପୁରର ଧୋନି କୁମାର ସାହୁ, ୭୩ କେଜିରେ ବ୍ରହ୍ମପୁରର ରୁଦ୍ରନାରାୟଣ ବେହେରା, ୮୧ କେଜିରେ ଡେକାନ କଲେଜର ଆୟୁଷ୍ମାନ ସାହୁ, ୮୯ କେଜିରେ ବିନାୟକ କଲେଜର ରାଜ କୁମାର ବେହେରା, ୯୬ କେଜିରେ ସିଟି କଲେଜର ବଳରାମ ସେନାପତି, ୧୦୨ କେଜିରେ ବିନାୟକ କଲେଜର ଶିବ ପ୍ରସାଦ ଦାସ ଓ ୧୦୯ କେଜିରେ ବିନାୟକ କଲେଜର ପିୟୁଷ ପଟ୍ଟନାୟକ ଶୀର୍ଷ ସ୍ଥାନ ଅଧିକାର କରି ରାଜ୍ୟସ୍ତରରେ ସମ୍ମାନିତ ହୋଇଛନ୍ତି । ପ୍ରତିଯୋଗିତାକୁ କବିସୂର୍ଯ୍ୟନଗର କବିସୂର୍ଯ୍ୟ ବଳଦେବ ବିଜ୍ଞାନ କଲେଜର ଅଧ୍ୟକ୍ଷ କେ. ପୁରୁଷୋତ୍ତମ ସଞ୍ଚାଳନ କରିଥିବା ବେଳେ ଷ୍ଟାଫ ଏବଂ ଅନ୍ୟମାନେ ସହଯୋଗ କରିଥିଲେ । ଗାଗାରିନ ନାୟକ, ସୁଧୀର କୁମାର ପାତ୍ର, କୋରା ଦାସ, ବଖାରୀ ମହମ୍ମଦ, ଦାମିନୀ କୁମାରୀ ସାହୁ, ସଂଯୁକ୍ତା ସାହୁ,ବାବୁ ଗୌଡ଼ ପ୍ରମୁଖ ପରିଚାଳନା ଦାୟିତ୍ୱ ନେଇଥିଲେ ।

# 'ପ୍ରତିଯୋଗିତା ପିଲାଙ୍କୁ ଆଗକୁ ବଢ଼ାଇବ'

## ଉତ୍ସାହ, ମହକରେ ମହକିଲେ ଶିଶୁ

ପାରଳାଖେମୁଣ୍ଡି,୨୩।୧୦(ଗିରିଧାରୀ ପରିଛା) ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ଶିଶୁ ମହୋତ୍ସବ ମହକ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ବୁଧବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଗଜପତି ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଜିଲାରେ ଥିବା ୫ଟି ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ସ୍ଥାନୀୟ ଷ୍ଟାଡ଼ିୟମରେ କ୍ରୀଡା ପ୍ରତିଯୋଗିତା ଉତ୍ସାହ ଅନୁଷ୍ଠିତ ହୋଇଥିଲା। ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ଶିଶୁ ମହୋତ୍ସବ ମହକ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ଏଥିରେ ୫ଟି ଶିଶୁ ଯତ୍ନ ଅନୁଷ୍ଠାନ ମୋହନା ବ୍ଲକର ଜରାଉସ୍ଥିତ ଡ୍ରେ ଷ୍ଟାର ହୋମ, ଆର୍.ସିତାପୁରସ୍ଥିତ ଶ୍ରୀ ଜଗନ୍ନାଥ ନିକେତନ, ଗୁମ୍ମାସ୍ଥିତ ନିସାନ ସାଲୋମ, ବି.ସୀତାପୁରସ୍ଥିତ ଉତ୍କଳ ବାଳାଶ୍ରମ ଓ ପ୍ରାଉଡ଼ ଅନୁଷ୍ଠାନ ସାମିଲ ହୋଇଥିଲେ। ୧୦୦ରୁ ଉର୍ଦ୍ଧ୍ୱ ଶିଶୁ ଭାଗ ନେଇଥିଲେ। ଉତ୍ସବକୁ ଉଦ୍‌ଘାଟନ କରି ମୁଖ୍ୟଅତିଥି ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ କହିଲେ, ଏପରି ପ୍ରତିଯୋଗିତା ପିଲାମାନଙ୍କୁ ଜୀବନରେ ବହୁତ ଆଗକୁ ବଢ଼ାଇବ। ସେମାନେ ଜିଲା ଓ ରାଜ୍ୟର ନାଁ ରଖିବାକୁ ସୁଯୋଗ ତିଆରି କରିବ। ଉଦ୍‌ଯାପନୀ ସମାରହୋରେ ମୁଖ୍ୟ ଅତିଥି ଭାବେ ଜିଲା ଦୌରା ଜଜ୍ ପ୍ରଣବ କୁମାର ରାଉତରାୟ ଯୋଗଦେଇ ଶିଶୁମାନଙ୍କ ମଧ୍ୟରେ ଲୁକ୍କାୟିତ କଳାର ବିକାଶ ନିମନ୍ତେ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ହେଉଥିବା କହିଥିଲେ। ସମ୍ମାନିତ ଅତିଥି ଜିଲାପାଳ ବିଜୟ କୁମାର ଦାସ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରି ଜୀବନର ଲକ୍ଷ୍ୟ ପୂରଣ କରିବାକୁ ହେଲେ ନିଷ୍ଠାର ସହିତ କାର୍ଯ୍ୟ କରିବା ଉଚିତ୍ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ରୂପେ ଜିଲା କ୍ରୀଡ଼ା ଅଧିକାରୀ ପ୍ରାଣକୃଷ୍ଣ ପାଣିଗ୍ରାହୀ, ଜିଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ, ଶିଶୁ ମଙ୍ଗଳ ସମିତ ଅଧ୍ୟକ୍ଷ ଅଶ୍ୱିନୀ ମହାପାତ୍ର, ଆର୍‌ଏମ୍‌ସି ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ 'ଉତ୍ସାହ'ରେ ସକାଳେ ଶିଶୁମାନଙ୍କ ମଧ୍ୟରେ ୧୦୦ ଏବଂ ୨୦୦ ମିଟର ଦୌଡ଼ ପ୍ରତିଯୋଗିତା, ଲମ୍ଫଡ଼ିଆଁ, ଉଚ୍ଚଡ଼ିଆଁ, ଚେସ, କ୍ୟାରମ ପ୍ରତିଯୋଗିତା ହୋଇଥିଲା। ସନ୍ଧ୍ୟାରେ 'ମହକ'ରେ ସାଂସ୍କୃତିକ ପ୍ରତିଯୋଗିତା ଚିତ୍ରାଙ୍କନ, ବକ୍ତୃତା, କୁଇଜ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। କୃତୀ ଶିଶୁମାନେ ରାଜ୍ୟସ୍ତରୀୟ ଉତ୍ସବରେ ଭାଗ ନେବେ।



ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଘରେ ପଶି ମୋବାଇଲ ଲୁଟ

ବ୍ରହ୍ମପୁର,୨୩।୧୦(ସୁବାସ ଚନ୍ଦ୍ର ପାଢ଼ୀ) ବଡବଜାର ଥାନା ଲକ୍ଷ୍ମୀନୃସିଂହ ସାହିର ଜଣେ ବ୍ୟକ୍ତିଙ୍କ ଘରୁ ମୋବାଇଲ ଲୁଟ ହୋଇଛି। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଉକ୍ତ ସାହିରେ ବି. ଶ୍ରୀନିବାସ ରାଓ ପରିବାର ସହ ରହୁଛନ୍ତି। ଗତ ୨୨ ତାରିଖ ଶ୍ରୀନିବାସ ଘରେ ନଥିଲେ। ଦ୍ୱିପ୍ରହରେ ତାଙ୍କ ପୁଅ ଘରେ ଶୋଇଥିବା ବେଳ ତାଙ୍କ ସ୍ତ୍ରୀ କୌଣସି କାମରେ ଘରର ବାରିପଟେ ବ୍ୟସ୍ତ ଥିଲେ। ଏହାର ସୁଯୋଗ ନେଇ ଜଣେ ଦୁର୍ବୃତ୍ତ ଘରେ ପଶି ଚୋରି ଉଦ୍ୟମ କରିଥିଲେ। ଶବ୍ଦ ଶୁଣି ସନ୍ଦେହରେ ତାଙ୍କ ସ୍ତ୍ରୀ ଦାଣ୍ଡ ପଟକୁ ଆସି ଦେଖିଥିଲେ। ଦୁର୍ବୃତ୍ତ ଜଣଙ୍କ ଘରେ ଥିବା ୨ଟି ଦାମୀ ମୋବାଇଲ ଧରି ତରବରିଆ ଭାବେ ଯାଉଥିବାବେଳେ ଗୋଟିଏ ମୋବାଇଲ ହାତରୁ ଖସି ତଳେ ପଡିଯାଇଥିଲା। ଫଳରେ କେବଳ ଗୋଟିଏ ମୋବାଇଲ ନେଇ ଦୁର୍ବୃତ୍ତ ଜଣଙ୍କ ଚମ୍ପଟ ମାରିଥିଲେ। ଶ୍ରୀନିବାସ ଘରକୁ ଫେରିବା ପରେ ସ୍ତ୍ରୀଙ୍କଠାରୁ ଏହା ଶୁଣି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଜିଲାରେ ଭୌତିକ ଚିକିତ୍ସା ସେବା ମିଳୁନି

# ମଞ୍ଜୁର ୨୨, ଅଛନ୍ତି ୩ ଡାକ୍ତର

ବ୍ରହ୍ମପୁର, ୨୩।୧୦( ସୁବାସ ଚନ୍ଦ୍ର ପାଢ଼ୀ)

ସମ୍ପ୍ରତି ଭୌତିକ ଚିକିତ୍ସାର ଚାହିଦା ବୃଦ୍ଧି ପାଇବାରେ ଲାଗିଛି । କିନ୍ତୁ ସେହି ଅନୁସାରେ ଚିକିତ୍ସକ ନାହାନ୍ତି। ଗଞ୍ଜାମ ଜିଲାରେ ୮୫ ପ୍ରତିଶତ ଭୌତିକ ଚିକିତ୍ସକ ପଦ ଖାଲି ପଡିବା ସ୍ୱାସ୍ଥ୍ୟ ବିଭାଗର ଉଦାସ ମନୋଭାବକୁ ପଦାରେ ପକାଇଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଭୌତିକ ଚିକିତ୍ସା(ଫିଜିଓଥେରାପି)ର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଜିଲାରେ ସମନ୍ୱିତ ଭୌତିକ ଚିକିତ୍ସା ୟୁନିଟ ଖୋଲାଯାଇଛି। ଶିଶୁ ଠାରୁ ଆରମ୍ଭ କରି ବରିଷ୍ଠ ନାଗରିକଙ୍କ ପାଇଁ ଭୌତିକ ଚିକିତ୍ସାର ଆବଶ୍ୟକତା ପଡୁଛି । ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଅସ୍ତ୍ରୋପଚାର ପରେ ଏହି ଚିକିତ୍ସାର ଆବଶ୍ୟକତା ରହିଛି। ପକ୍ଷାଘାତ ରୋଗୀଙ୍କ ଠାରୁ ଆରମ୍ଭ କରି କୌଣସି କାରଣରୁ ଶରୀରର ଅଙ୍ଗ ଅଚଳ ହେଲେ ତାଙ୍କ ପାଇଁ ଏହି ଚିକିତ୍ସା ଜରୁରୀ। ସେହିପରି କୁଷ୍ଠ ରୋଗୀଙ୍କୁ ଭୌତିକ ଚିକିତ୍ସା ଦରକାର। ବଡ ଅସ୍ତ୍ରୋପଚାର ପରେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପାଇଁ ଏହି ଚିକିତ୍ସା ଦରକାର। ରୋଗୀଙ୍କୁ ସେବା ଦେବା ପାଇଁ ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟ ଡିଇଆଇସି କୋଠାରେ ସମନ୍ୱିତ ଭୌତିକ ଚିକିତ୍ସା କେନ୍ଦ୍ର ରହିଛି। ଜିଲାର ୪ ଉପଖଣ୍ଡ ଚିକିତ୍ସାଳୟରେ ମଧ ଭୌତିକ ଚିକିତ୍ସକ ନିଯୁକ୍ତି ପାଇଁ ଯୋଜନା ହୋଇଛି । ହେଲେ ଗଞ୍ଜାମ ଜିଲାରେ ବର୍ଷାଧିକ କାଳ ପାଖାପାଖି ୮୫ ପ୍ରତିଶତ ଭୌତିକ ଚିକସକ ପଦବୀ ଖାଲି ରହିଛି । ଜିଲା ମୁଖ୍ୟ ଚିକିତ୍ସାଳୟ ଭୌତିକ ଚିକିତ୍ସା କେନ୍ଦ୍ରରେ ଜଣେ ଚିକିତ୍ସକ ଥିବା ବେଳେ ୨ ପଦବୀ ଖାଲି ପଡିଛି । ପ୍ରତ୍ୟେକ ଦିନ ୩୦ରୁ ଅଧିକ ରୋଗୀ ଆସୁଛନ୍ତି। ରୋଗୀଙ୍କ ଚିକିତ୍ସା ପାଇଁ ଏଠାରେ ଫିଜିଓଟ୍ରାକ ଟେଟ୍ସ ମେସିନ, ଟ୍ରାକସନ, ଲଙ୍ଗୱେଭ ଥାଇଥେମେରି ମେସିନ ସହ ବୃଦ୍ଧ ଠାରୁ ଆରମ୍ଭ କରି ପକ୍ଷାଘାତ ରୋଗୀଙ୍କ ପାଇଁ ଆବଶ୍ୟକ ହେଉଥିବା ସମସ୍ତପ୍ରକାର ଛୋଟବଡ ସରଞ୍ଜାମ ଉପଲବ୍ଧ ରହିଛି । ନିକଟରେ ସମନ୍ୱିତ ଫିଜିଓଥେରାପି ୟୁନିଟ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ମଧ୍ୟ ରହିଛି । ହେଲେ ରୋଗୀଙ୍କ ତୁଳନାରେ ଚିକିତ୍ସକ ନଥିବାରୁ ଜିଲାରେ ଠିକ ସେବା ମିଳିପାରୁନାହିଁ। ଜିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୨ ଭୌତିକ ଚିକିତ୍ସକ ପଦ ମଞ୍ଜୁର ହୋଇଥିବା ବେଳେ ଜିଲାରେ ସମୁଦାୟ ୩ ଚିକିତ୍ସକ ଅଛନ୍ତି । ୧୯ ଚିକିତ୍ସକ ପଦ ଖାଲି ପଡିଛି । ଅନୁଗୁଳ ଭଦ୍ରକ ଭଳି ଜିଲାରେ ମଞ୍ଜୁର ପଦବୀର ଶତ ପ୍ରତିଶତ ଚିକିତ୍ସକ ନିଯୁକ୍ତ ଥିବାବେଳେ ଅଧିକ ଜନସଂଖ୍ୟା ବିଶିଷ୍ଟ ଗଞ୍ଜାମ ଜିଲାରେ ଏତେ ସଂଖ୍ୟକ ପଦବୀ ଖାଲି ପଡିବା ବୁଦ୍ଧିଜୀବୀ ମହଲକୁ ଆଶ୍ଚର୍ଯ୍ୟ କରିଛି। ଏ ଦିଗରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ନେବା ଉଚିତ ବୋଲି ବହୁ ରୋଗୀ ଦାବି କରିଛନ୍ତି । ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ) ଡା. ସନ୍ତୋଷ କୁମାର ପାଢ଼ୀଙ୍କୁ ଭେଟି ପଚାରିବାରୁ ସେ କହିଛନ୍ତି ଯେ, ଜିଲାରେ ଏବେସୁଦ୍ଧା ୧୯ ଭୌତିକ ଚିକିତ୍ସକ ପଦବୀ ଖାଲି ରହିଛି। ଏନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଖୁବଶୀଘ୍ର ସରକାର ଉକ୍ତ ପଦବୀ ପୂରଣ କରିବେ ବୋଲି ଆଶା ରଖାଯାଇଛି ବୋଲି ସେ କହିଛନ୍ତି।

# ୨୧ ବର୍ଷ ପରେ ସଫଳତା: ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ହକିରେ ଗଞ୍ଜାମ ରନର୍ସଅପ



ରନର୍ସଅପ ବିଜେତା ଗଞ୍ଜାମ ଦଳ

ବ୍ରହ୍ମପୁର,୨୩।୧୦(ସ୍ୱାଧୀନ ଶେଖର ପାଢ଼ୀ) ୬୮ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ହକି ଚମ୍ପିୟାନସିପ ୨୦୨୪ରେ ରନର୍ସ ଅପ ହୋଇଛି ଗଞ୍ଜାମ ଦଳ। ଦୀର୍ଘ ୨୧ ବର୍ଷ ପରେ ହକିରେ ଗଞ୍ଜାମ ଦଳକୁ ସଫଳତା ମିଳିଛି। ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ଓ ଜିଲା ବିଦ୍ୟାଳୟ କ୍ରୀଡ଼ା ସଂଗଠନ ପକ୍ଷରୁ ସୁନ୍ଦରଗଡ଼ ମ୍ୟୁନିସପାଲଟି ଉଚ୍ଚ ବିଦ୍ୟାଳୟ ଠାରେ ୧୭ ବର୍ଷରୁ କମ ବାଳକ ଚାମ୍ପିୟାନସିପ ଚଳିତ ମାସ ୨୦ ରୁ ୨୨ ତାରିଖଯାଏଁ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ ସୁନ୍ଦରଗଡ଼ ଓ ଗଞ୍ଜାମ ମଧ୍ୟରେ ହୋଇଥିଲା। ସୁନ୍ଦରଗଡ଼ ୪-୦ ଗୋଲରେ ଗଞ୍ଜାମକୁ ହରାଇ ବିଜେତା ହୋଇଥିଲା। ଗଞ୍ଜାମ ରନର୍ସଅପ ହୋଇଥିଲା। ଏଥିରେ ଗଞ୍ଜାମ ପକ୍ଷରୁ ଟିମ ମ୍ୟାନେଜର ଜୟକୃଷ୍ଣ ମହାପାତ୍ର, ରଶ୍ମିତା ମହାକୁଡ, କୋଚ ପିଟର ସୋରେନ ଓ ଏମ ସୁନୀଲ କୁମାର ରେଡ୍ଡୀ ଥିଲେ ବୋଲି ଜିଲା ଶାରୀରିକ ଶିକ୍ଷାଧିକାରୀ ଭାଗୀରଥି ସ୍ୱାଇଁ କହିଛନ୍ତି। ଗଞ୍ଜାମ ଦଳର ସଫଳତା ପାଇଁ ଜିଲା କ୍ରୀଡାପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି।

# ୨୭ରୁ ବାସ୍କେଟ ବଲ ଚୟନ ଶିବିର

ବ୍ରହ୍ମପୁର,୨୩।୧୦(ସ୍ୱାଧୀନ ଶେଖର ପାଢ଼ୀ) ଯୁବ ରାଜ୍ୟସ୍ତରୀୟ ବାସ୍କେଟବଲ ଚାମ୍ପିୟାନସିପ ପାଇଁ ଗଞ୍ଜାମ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ଆସନ୍ତା ୨୭ ଓ ୨୮ ଦୁଇଦିନ ଧରି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପରିସରରେ ଚୟନ ଶିବିର ଅନୁଷ୍ଠିତ ହେବ। ଉଭୟ ପୁରୁଷ ଓ ମହିଳା ଖେଳାଳି ନାମ ପଞ୍ଜିକରଣ କରିବାକୁ ସମ୍ପାଦକ କେ. ରାମେଶ୍ୱର ରାଓ ସୂଚନା ଦେଇଛନ୍ତି। ଆସନ୍ତା ନଭେମ୍ବର ୩ରୁ ୬ତାରିଖ ପର୍ଯ୍ୟନ୍ତ କଟକରେ ଏହି ଚାମ୍ପିୟନସିପ ହେବ।

# ଦୀପାବଳି ପୂର୍ବରୁ ୩ ଥାନା ପକ୍ଷରୁ ୬ଲକ୍ଷ ଟଙ୍କାର ବାଣ ଜବତ

ବ୍ରହ୍ମପୁର,୨୩।୧୦(ସୁବାସ ଚନ୍ଦ୍ର ପାଢ଼ୀ) ବେଆଇନ ବାଣ ବିକୁଥିବା ତଥା ବିଭିନ୍ନ ଗୋଦାମରେ ମହଜୁଦ ରଖିଥିବା ଅସାଧୁ ବ୍ୟବସାୟୀଙ୍କୁ ସାବାଡ଼ କରିବାକୁ ବ୍ରହ୍ମପୁର ପୋଲିସ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି। ଚଳିତବର୍ଷ ଦୀପାବଳୀ ପୂର୍ବରୁ ବ୍ରହ୍ମପୁର ପୋଲିସ ଜିଲ୍ଲାର ୩ ଥାନା ପକ୍ଷରୁ ଚଢ଼ାଉ କରାଯାଇଛି। ବିଭିନ୍ନ ଥାନା ଅଞ୍ଚଳର ୬ ବେଆଇନ ବାଣ ବିକ୍ରି ଦୋକାନ ତଥା ଗୋଦାମ ଉପରେ ଚଢାଉ କରି ୬ଲକ୍ଷ ଟଙ୍କାର ବାଣ ଜବତ ହୋଇଛି। ୬ ବେପାରୀଙ୍କ ନାମରେ ୬ ମାମଲା ରୁଜୁ ହୋଇଥିବା ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ଏକ ପ୍ରେସନୋଟ ଜରିଆରେ ସୂଚନା ଦେଇଛନ୍ତି । ବଡବଜାର ଥାନା ପକ୍ଷରୁ ଲକ୍ଷ୍ମୀନୃସିଂହ ସାହି ୧୩ ନମ୍ବରରେ ଥିବା ୨ ଗୋଦାମ, ବୈଦ୍ୟନାଥପୁର ଥାନା ପକ୍ଷରୁ ଗୋଟିଏ ଏବଂ ଜରଡା ଥାନା ପକ୍ଷରୁ ୩ ଗୋଦାମରେ ଚଢ଼ାଉ ହୋଇଛି। ବୈଦ୍ୟନାଥପୁର ଥାନା ଶ୍ରୀନଗର ସ୍ଥିତ ଏକ ଘରେ ଚଢ଼ାଉ କରି ବିପୁଳ ବାଣ ଜବତ କରାଯାଇଛି। ମଙ୍ଗଳବାର ରାତିରେ ବଡବଜାର ଥାନା ଲକ୍ଷ୍ମୀନୃସିଂହ ସାହିର ଏକ ଘରେ ଚଢ଼ାଉ କରାଯାଇ ବିପୁଳ ବାଣ ଜବତ ହୋଇଥିଲା। ଏହି ବାଣ ମହଜୁଦ କରି ରଖିଥିବା ୨ ଯୁବକଙ୍କ ନାମରେ ମାମଲା ରୁଜୁ ହୋଇଥିବା ପୋଲିସ କହିଛି। ଜବତ ବାଣ ନିଷ୍କ୍ରିୟ ପାଇଁ ଭୁବନେଶ୍ୱରରୁ ଏକ ଟିମ ଆସିବେ ବୋଲି ଜଣାପଡିଛି।



ପୋଲିସ ପକ୍ଷରୁ ଗୋଦାମରେ ଚଢ଼ାଉ କରାଯାଇ ବାଣ ଜବତ କରାଯାଇଛି।

# ବେଲଗୁଣ୍ଠା ବ୍ଲକ୍‌ସ୍ତରୀୟ ସୁରଭି

ବେଲଗୁଣ୍ଠା,୨୩।୧୦(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ) ବେଲଗୁଣ୍ଠାସ୍ଥିତ ଘୁମୁସର ନୋଡାଲ୍ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧ଟି କ୍ଲଷ୍ଟରରୁ ମନୋନୀତ ହୋଇ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇ ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ କରାଯାଇଥିଲା। ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ରୂପେ ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ବେଲଗୁଣ୍ଠା କାର୍ଯ୍ୟନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ର, ଥାନାଧିକାରୀ ବନବିହାରୀ ପ୍ରଧାନ, ଜଗନ୍ନାଥପ୍ରସାଦ ଗୋଷ୍ଠୀ ଶିକ୍ଷାଧିକାରୀ କଲ୍ୟାଣୀ ପାଢ଼ୀ, ପ୍ରଧାନ ଶିକ୍ଷୟିତ୍ରୀ ଲୋପାମୁଦ୍ରା ରଥ, ପ୍ରତିମା ମହାରଣା, ଗାୟତ୍ରୀ ମିଶ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ପ୍ରତିଭା ରଥ, ଭାଗ୍ୟଲତା ପ୍ରଧାନ ପ୍ରମୁଖ ଯୋଗ ଦେଇ ସୁରଭି ସମ୍ପର୍କରେ କହିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଲୋକ ନୃତ୍ୟ ପରିବେଷଣ କରାଯାଇଥିଲା।

# ଭାରତ ବିକାଶ ପରିଷଦ ତରଫରୁ ପ୍ରତିଯୋଗିତା

ବ୍ରହ୍ମପୁର, ୨୩।୧୦(ସ୍ୱାଧୀନ ଶେଖର ପାଢ଼ୀ) ଗୋସାଇଁନୂଆଗାଁ ସ୍ଥିତ କେ.ସି ହାଇସ୍କୁଲ ପରିସରରେ 'ଭାରତ କୋ ଜାନୋ' ରାଷ୍ଟ୍ରୀୟ ସମୂହ ଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଭାରତ ବିକାଶ ପରିଷଦ ସ୍ୱାମୀ ବିବେକାନନ୍ଦ ଶାଖା ବ୍ରହ୍ମପୁର ପକ୍ଷରୁ ସଭାପତି ଇଂ.ବାବୁଲି ଚାନ୍ଦ ଗୌଡ଼ଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଯୋଗଦେଇ ଶୁଭାରମ୍ଭ କରିଥିଲେ । ମୁଖ୍ୟବକ୍ତାଭାବେ ଭଗବାନ ତ୍ରିପାଠୀ ଓ ପ୍ରାନ୍ତ ସମ୍ପାଦକ ସୋମେନ୍ଦ୍ର ଦାସ, ସହ ସାଧାରଣ ସମ୍ପାଦକ ରାମଚନ୍ଦ୍ର ଦଳେଇ ଉପସ୍ଥିତ ଥିଲେ। ସୁଜାତା ଶତପଥୀ କର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରତିଯୋଗିତାର ବିଚାରକ ଥିଲେ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ମହାପାତ୍ର, ସଂଗୀତ ନିର୍ଦ୍ଦେଶକ ରାମ ଲକ୍ଷ୍ମଣ, ଗାୟିକା ମଧୁସ୍ମିତା ଦାସ, ଦେବବ୍ରତ ତ୍ରିପାଠୀ। କୃତୀ ପ୍ରତିଯୋଗୀମାନଙ୍କୁ ସ୍କୁଲର ପ୍ରଧାନଶିକ୍ଷକ ଶଶାଙ୍କ କୁମାର ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ଅତିଥି ପୁରସ୍କୃତ କରିଥିଲେ। ଇଂ. ପି.ରାମାରାଓ ସୁବୁଦ୍ଧି, ଉପଦେଷ୍ଟା ଇଂ. ଅନୀଲ କୁମାର ଆଚାର୍ଯ୍ୟ, ଡକ୍ଟର ମଧୁସୂଦନ ସାହୁଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।





ଦୀପାବଳି ପାଇଁ ଜଣେ ବେପାରୀ ଗ୍ରାମାଞ୍ଚଳରୁ ସହରକୁ କାଉଁରିଆ ବିକିବା ପାଇଁ ଆସୁଛନ୍ତି। (ଫଟୋ- ସମୀର)

# ବାତ୍ୟା ମୁକାବିଲା ପ୍ରସ୍ତୁତି, ପ୍ରତିଷେଧକ ନେଇ ସହରତଳିକୁ ଉପେକ୍ଷା

ବ୍ରହ୍ମପୁର,୨୩।୧୦(ସ୍ମୃତି ରଞ୍ଜନ ମହାଲିକ) ବାତ୍ୟା ଦାନାକୁ ନେଇ ପ୍ରଶାସନିକ ସ୍ତରରେ ମୁକାବିଲା ଓ କ୍ଷୟ କ୍ଷତିକୁ କମାଇବା ପାଇଁ ପ୍ରସ୍ତୁତି ଜାରି ରହିଛି। ବାତ୍ୟା ପରବର୍ତ୍ତୀ କ୍ଷୟକ୍ଷତି ଓ ବିଭ୍ରାଟକୁ ସଜାଡିବା ପାଇଁ ଏବଂ ଲୋକଙ୍କ ଜୀବନ ଯାପନ ପ୍ରଣାଳୀକୁ ସ୍ୱାଭାବିକ କରିବାକୁ ବିଭିନ୍ନ ବିଭାଗ ଓ ଆନୁସଙ୍ଗିକ ଉପକରଣ ଓ ସରଞ୍ଜାମ ସଜାଡି ରଖାଯାଇଛି। ଏଭଳି ଭାବେ ବିଇଏମସି ପକ୍ଷରୁ ଦାନାର ମୁକାବିଲା ନେଇ ପ୍ରସ୍ତୁତି ସରିଥିବା ବେଳେ ସହର ତଳି ଅଂଚଳକୁ ଅଣଦେଖା ଓ ଉପେକ୍ଷା କରାଯାଇଥିବା ଅଭିଯୋଗ ହୋଇଛି। ନିଗମ ପକ୍ଷରୁ ବାତ୍ୟାକୁ ଦୃଷ୍ଟିରେ ରଖି ଖୋଲା ଡ୍ରେନରେ ଢାଙ୍କୁଣି ପକାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ବସ୍ତି ଓ ଚାଳ ଛପର ଘରେ ବାସ କରୁଥିବା ଲୋକଙ୍କୁ ସୁରକ୍ଷିତ ଆଶ୍ରୟ ସ୍ଥଳକୁ ନିଆଯିବାର ବନ୍ଦୋବସ୍ତ କରାଯାଇଛି। କିନ୍ତୁ ବାତ୍ୟା ମୁକାବିଲା ପଦକ୍ଷେପ ଓ ପ୍ରସ୍ତୁତିକୁ ସହରତଳି ଅଂଚଳକୁ ସଂପ୍ରସାରିତ କରି ସେବା ଯୋଗାଇ ଦିଆଯାଇ ନ ଥିବା ନେଇ ସହରତଳି ବାସିନ୍ଦାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଅଚଂଳରେ ସୁଗମ ରାସ୍ତା ଓ ବ୍ୟବସ୍ଥିତ ଡ୍ରେନ ନାହିଁ। ଏପରିକି ଯେଉଁଠାରେ ଡ୍ରେନ ଅଛି ସେଠାରେ ଡ୍ରେନ ସଫେଇ ହୋଇ ନାହିଁ। ଅଧିକାଂଶ ଡ୍ରେନ ଗୁଡିକରେ ଢାଙ୍କୁଣି ମଧ ପଡି ନାହିଁ। ଡ୍ରେନ ଗୁଡିକ ଗୋଡି ଓ ପଙ୍କରେ ଭରି ହୋଇ ରହିଛି। ସାମାନ୍ୟ ବର୍ଷା ହେଲେ ନର୍ଦ୍ଦମା ପାଣି ନିଷ୍କାସନରେ ସମସ୍ୟା ଉପୁଜୁଥିବା ବେଳେ ବାତ୍ୟା ପ୍ରଭାବରେ ବର୍ଷା ଅଧିକ ହେଲେ ପରିସ୍ଥିତି ଗମ୍ଭୀର ହେବ। ଯାହାଦ୍ୱାରା ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇ ଘରେ ଘରେ ପାଣି ପଶିବ ବୋଲି ବାସିନ୍ଦାମାନେ ଅଭିଯୋଗ କରିଛନ୍ତି। ଏଣୁ ମହାନଗର ନିଗମ ପକ୍ଷରୁ ବାତ୍ୟା ମୁକାବିଲା ପଦକ୍ଷେପ କ୍ଷେତ୍ରକୁ ପରିବ୍ୟାପ୍ତ କରି ସହର ସନ୍ନିକଟ ଅଂଚଳକୁ ସାମିଲ କରି ପ୍ରତିଷେଧକ ବ୍ୟବସ୍ଥା ସହ ବାତ୍ୟା ପରବର୍ତ୍ତୀ ଜରୁରୀ ସେବା ଓ ପୁନଃରୁଦ୍ଧାର କାର୍ଯ୍ୟ ହାତକୁ ନେବାକୁ ସହରତଳି ଅଂଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ଦାବି କରିଛି।



କଦର୍ଯ୍ୟ ଅବସ୍ଥାରେ ସହରତଳି ଡ୍ରେନ।

# ଟିପିଏସ୍‌ଓଡିଏଲ୍‌କୁ ଟାଇମ୍ସ ବିଜିନେସ୍ ଆୱାର୍ଡ

ବ୍ରହ୍ମପୁର,୨୩।୧୦(ସ୍ମୃତି ରଞ୍ଜନ ମହାଲିକ) ସୁରକ୍ଷା କ୍ଷେତ୍ରରେ ଉତ୍କର୍ଷତା ପାଇଁ ଟାଇମ୍ସ ବିଜିନେସ ଆୱାର୍ଡରେ ଟିପିଏସଓଡିଏଲ ପୁରସ୍କୃତ ହୋଇଛି। ବିଦ୍ୟୁତ ନିରାପତ୍ତା କ୍ଷେତ୍ରରେ ଉଲେଖନୀୟ ଅବଦାନ ପାଇଁ କଂପାନୀକୁ ଏହି ସ୍ୱୀକୃତି ମିଳିଛି। ଭୁବନେଶ୍ୱରଠାରେ ଆୟୋଜିତ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଯୋଗ ଦେଇ ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗଙ୍କୁ ପୁରସ୍କୃତ କରିଛନ୍ତି। ସମ୍ମାନନୀୟ ଅତିଥି ରୂପେ ଶିଳ୍ପ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ବିଦ୍ୟୁତ ସୁରକ୍ଷା କ୍ଷେତ୍ରରେ କଂପାନୀର ଅଭିନବ ପଦକ୍ଷେପ ତଥା ପରିଚାଳନାଗତ ନିରାପତ୍ତା ଏବଂ ଲୋକଙ୍କ ସୁରକ୍ଷାକୁ ଉନ୍ନତ କରିବା ଉଦ୍ଦେଶ୍ୟରେ ଅତ୍ୟାଧୁନିକ କୌଶଳ ଉପଯୋଗକୁ ଭିତ୍ତି କରି ଏହି ସମ୍ମାନ ଦିଆଯାଇଛି। କଂପାନୀ ପକ୍ଷରୁ ପ୍ରେସ ଫିଟ ଫ୍ୟୁଜ, ପୋଲ ମାଉଣ୍ଟେଡ ଭୋଲଟେଜ ଡିଟେକ୍ଟର, ଡ୍ରୋନ ଆଧାରିତ ସୁରକ୍ଷା ପର୍ଯ୍ୟବେକ୍ଷଣ ଓ ସୁରକ୍ଷା କବଚ ୨.୦ ପିଡବ୍ଲୁ ଆପ ଭଳି ଡିଜିଟାଲ ଉପକରଣ ସମେତ ଏଚଓଟିଟି ସେଣ୍ଟର ରହିଛି। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ କହିଛନ୍ତି ଯେ, ସୁରକ୍ଷା କ୍ଷେତ୍ରରେ ଅଭିନବ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କୃତ ପାଇ ଗର୍ବିତ। ସୁରକ୍ଷା କେବଳ ଲକ୍ଷ୍ୟ ନୁହେଁ। ବରଂ ଏକ ପ୍ରମୁଖ ମୂଲ୍ୟବୋଧ ସମସ୍ତ ପ୍ରୟାସକୁ ମାର୍ଗ ଦର୍ଶନ ଦେଇଥାଏ। ଉକ୍ତ କାର୍ଯ୍ୟକ୍ରମରେ କଂପାନୀର ବ୍ରହ୍ମପୁର ସର୍କଲ ମୁଖ୍ୟ ଚନ୍ଦନ ଦାସ ମଧ ଉପସ୍ଥିତ ଥିଲେ।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

ବୁଗୁଡ଼ା,୨୩।୧୦(କାଳିଚରଣ ଦାଶ):ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ କେରଳରୁ ଗିରଫ କରିଛି। ସେଠାରୁ ଅପହୃତ ନାବାଳିକାଙ୍କୁ ଉଦ୍ଧାର କରିଛି। ଗିରଫ ଅଭିଯୁକ୍ତ ହେଲେ ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଅନ୍ତରପଡା ଗ୍ରାମର ସୁନୀଲ ବିଷୋୟୀ(୨୧) । ସେ ଟାଇଲ ମିସ୍ତ୍ରି ଭାବେ କାମ କରୁଥିବା ବେଳେ ସମ୍ପୃକ୍ତ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ଗତ ଏପ୍ରିଲ ୨୧ ତାରିଖରେ ଅପହରଣ କରି ନେଇଥିଲେ। ଏ ନେଇ ନାବାଳିକାଙ୍କ ବାପା ବାଲିପଦର ଫାଣ୍ଡିରେ ଏତଲା ଦେବା ପରେ ପୋଲିସ ସେହିଦିନ ଠାରୁ ଅଭିଯୁକ୍ତଙ୍କୁ ଖୋଜୁଥିଲା। ମୋବାଇଲ ଟ୍ରାକିଙ୍ଗରୁ ଲୋକେସନ ଜଣାପଡିବା ପରେ ବାଲିପଦର ଫାଣ୍ଡି ପୋଲିସ ଟିମ କେରଳରେ ପହଞ୍ଚି ଉଭୟଙ୍କୁ ମଙ୍ଗଳବାର ବୁଗୁଡ଼ା ଥାନାକୁ ଆଣିଥିଲେ।

# ବାତ୍ୟା ମୁକାବିଲା ନେଇ ସ୍ଥିତି ଅନୁଧ୍ୟାନକଲେ ଉପ ଜିଲାପାଳ

ଆସିକା,୨୩।୧୦(ସୁରେନ୍ଦ୍ର ନାଥ ସାହୁ) ଆସିକା ବ୍ଲକର ୨୭ଟି ପଞ୍ଚାୟତ ଓ ଏନ୍‌ଏସିର ୧୮ଟି ୱାର୍ଡରେ ସମ୍ଭାବ୍ୟ ବାତ୍ୟା 'ଦାନା'ର ସଫଳ ମୁକାବିଲା ଲାଗି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ହୋଇଛି । ବୁଧବାର ଭଞ୍ଜନଗର ଉପ ଜିଲାପାଳ ଅନିଲ ସେଠୀ ଆସିକା ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ତଳିଆ ଅଞ୍ଚଳ ଓ ବାତ୍ୟା ଆଶ୍ରୟସ୍ଥଳି ପରିଦର୍ଶନ କରି ସ୍ଥିତି ଅନୁଧାନ କରିଛନ୍ତି । ଉପ ଜିଲାପାଳଙ୍କ ସହ ଆସିକା ବିଡିଓ ଫକୀର ଚରଣ ପରିଡା, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ଥିଲେ। ଉପ ଜଲାପାଳ ସେଠୀ ପ୍ରଶାସନ ପକ୍ଷରୁ ସ୍ଥିତି ମୁକାବିଲା ଲାଗି ସମସ୍ତ ପଦକ୍ଷେପ ନିଆଯାଇଥିବା ଏବଂ ପ୍ରଶାସନ ପକ୍ଷରୁ ଆବଶ୍ୟକ ସ୍ଥଳେ ତଳିଆ ଅଞ୍ଚଳର ଜନସାଧାରଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର, ପ୍ରସୂତି ମହିଳା ଓ ସହାୟତା ଆଶାୟୀଙ୍କୁ ଉପଯୁକ୍ତ ସେବା ଯୋଗାଇବା ଲାଗି ସମସ୍ତ ବିଭାଗ ପ୍ରସ୍ତୁତ ରହିଥିବା କହିଛନ୍ତି। ଆସିକା ବ୍ଲକର ଗୁଣ୍ଡପଡା ପଞ୍ଚାୟତ ଅନ୍ତର୍ଗତ ଜଗଦଳପୁର ଓ ସିଦ୍ଧନୟି ପଞ୍ଚାୟତ ଅନ୍ତର୍ଗତ ମହାରାଜପୁରସ୍ଥିତ ସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ ଓ ୧୯ଟି ଗ୍ରାମରେ ୧୪ଟି ଅସ୍ଥାୟୀ ଆଶ୍ରୟସ୍ଥଳି ଖୋଲାଯାଇଛି । ତଦାରଖ ଲାଗି ସେଲଟର ଇନଚାର୍ଜ, ଅତିରିକ୍ତ ନୋଡାଲ ଅଧିକାରୀ ଓ ନୋଡାଲ ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଛି । ଆସିକା ବ୍ଲକର ବିଭିନ୍ନ ପଞ୍ଚାୟତର ୭୦ରୁ ଉର୍ଦ୍ଧ୍ୱ ଆସନ୍ନ ପ୍ରସବା ମହିଳାଙ୍କୁ ଚିହ୍ନଟ କରାଯାଇଛି। ଆବଶ୍ୟକ ସ୍ଥଳେ ସେମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ପହଞ୍ଚାଇବା ବ୍ୟବସ୍ଥା କରାଯାଇଛି । ବୁଧବାର ଲଣ୍ଡାଜୁଆଳି ଗ୍ରାମର ଜଣେ ମହିଳାଙ୍କୁ ଆସିକା ଡାକ୍ତରଖାନାକୁ ପଠାଯାଇଥିବା ସିଡିପିଓ ଇନ୍ଦିରା ମହାପାତ୍ର କହିଛନ୍ତି।



# ଅନ୍ତର୍ଜାତୀୟ ବକ୍ସିଂ ରେଫରି ଜଜ ଶିଶିର ପାଣିଗ୍ରହୀଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର, ୨୩।୧୦(ସ୍ୱାଧୀନ ଶେଖର ପାଢ଼ୀ) ହିଲପାଟଣା ଗଣେଶ ମନ୍ଦିରରେ ଅନ୍ତର୍ଜାତୀୟ ବକ୍ସିଂ ରେଫରି ଜଜ ଶିଶିର ପାଣିଗ୍ରହୀଙ୍କୁ ସମ୍ବର୍ଦ୍ଧିତ କରଯାଇଛି। ଏହି ଅବସରରେ ଅନୁଷ୍ଠିତ ବୈଠକରେ ପୂର୍ବତନ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ ମୁଖ୍ୟଅତିଥି ଥିଲେ। ପାଣିଗ୍ରାହୀ ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ରେଫରି ଜଜ୍ ଭାବେ କୃତିତ୍ୱ ଅର୍ଜନ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ଏଥିରେ କ୍ରୀଡା ସଂଗଠକ ଅଶୋକ କୁମାର ସାହୁ, ଜାମୁଲା ଶଙ୍କର ନରାୟଣ, ବସନ୍ତ କୁମାର ପାଣିଗ୍ରାହୀ, ଶରତ ଚନ୍ଦ୍ର ମହାପାତ୍ର, କେ ଦିଲ୍ଲୀପ କୁମାର, ଡି ବାବୁ ରାଓ, ସୁରେଶ ପଟ୍ଟନାୟକ, ଉପେନ୍ଦ୍ର ପଟ୍ଟନାୟକ, ବିଜୟ ସିଂ ସାମନ୍ତ, କେ.ପ୍ରଭାକର ରାଓ, ସୁଶାନ୍ତ ପାଣିଗ୍ରାହୀ, ଭଗବାନ ସାବତ, ପ୍ରମୋଦ ଚନ୍ଦ୍ର ପାତ୍ର, ନିମାଇଁ ଚରଣ ବେବର୍ତ୍ତା, ପ୍ରଶାନ୍ତ କୁମାର ରାଉତ, ସୀତାରାମ ବେବର୍ତ୍ତା, ରାଜେନ୍ଦ୍ର କୁମାର ସାହୁ, ରାଜେନ୍ଦ୍ର ପ୍ରସାଦ ମହାପାତ୍ର, ଶିବରାମ ପାତ୍ର, ପୂର୍ଣ୍ଣଚନ୍ଦ୍ର ପାତ୍ର, ସୁଶାନ୍ତ ନାୟକ, କାଳୀଚରଣ ପଣ୍ଡା, ପ୍ରଶାନ୍ତ ରଥ, ପ୍ରଶାନ୍ତ କୁମାର ସାହୁ, କେ ଅରବିନ୍ଦ, ବସନ୍ତ ମଞ୍ଜରୀ ନାୟକ, ସୁଶୋଭନ ମିଶ୍ର, ଦେବବ୍ରତ ଦେଓ, ପୂର୍ଣ୍ଣଚନ୍ଦ୍ର ନାୟକ, ରଜନୀ ରେଡ୍ଡୀ, ରମଣୀ ରଞ୍ଜନ ମହାନ୍ତି, ବିମଳ ମହାନ୍ତି, ନିବେଦିତା ପାଢ଼ୀ, ଲତା ହାତୀ, ସୁଭାଷ ପାତ୍ର, ବଳରାମ ପାତ୍ର ଉପସ୍ଥିତ ଥିଲେ ।

## ଘରେ ପଶି ସୁନା ଗହଣା ଲୁଟ୍ ଘଟଣା

# ୩ ନାବାଳକଙ୍କୁ ଜେଜେବିରେ ହାଜର କଲା ପୋଲିସ

ଦିଗପହଣ୍ଡି/ପାଟପୁର,୨୩।୧୦
(ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ)

ଗଞ୍ଜାମ ଜିଲା ପାଟପୁର ଥାନା ନୂଆଗଡ ଗ୍ରାମରେ ଗତ ୯ ତାରିଖ ସନ୍ଧ୍ୟାରେ ଘରେ ପଶି ସୁନାଗହଣା ଲୁଟ୍ ଘଟଣାରେ ପୋଲିସ ବୁଧବାର ୩ ଜଣ ନାବାଳକଙ୍କୁ ଛତ୍ରପୁର ଜୁଭେନାଇଲ ଜଷ୍ଟିସବୋର୍ଡ (ଜେଜେବି)ରେ ହାଜର କରିଛି। ପରେ କୋର୍ଟଙ୍କ ନିର୍ଦ୍ଦେଶରେ ସେମାନଙ୍କୁ ବ୍ରହ୍ମପୁରସ୍ଥିତ ବାଳ ସୁଧାର ଗୃହକୁ ପଠାଇଯାଇଛି। ନୂଆଗଡ ଗ୍ରାମ ମୁଖ୍ୟ ରାସ୍ତାରେ ରହୁଥିବା ବ୍ରହ୍ମା ପଣ୍ଡା ସପରିବାର ଘରେ ତାଲା ପକାଇ ମା' ଗ୍ରାମ ଦେବତୀ ମନ୍ଦିରକୁ ନବରାତ୍ର ପୂଜା ପାଇଁ ଯାଇଥିଲେ। ବିଳମ୍ବିତ ରାତିରେ ସେମାନେ ଘରକୁ ଫେରି ଦେଖିବା ବେଳକୁ ଘର ତାଲା ଭାଙ୍ଗି ଆଲମାରୀ ତାଲା ଖୋଲି ଦୁର୍ବୃତ୍ତମାନେ ସୁନା ରାଣୀହାର, ସୁନାହାର ଏବଂ ମୁଦି ଚୋରି କରି ନେଇଯାଇଥିଲେ। ଗତ ୧୫ ତାରିଖରେ ଜଣେ ନାବାଳକ ଚୋରି ଯାଇଥିବା ସୁନା ମୁଦି ଆଣି ବ୍ରହ୍ମାନନ୍ଦଙ୍କୁ ଦେଇଥିଲେ। ଅନ୍ୟ ସୁନା ଗହଣା କାହିଁ ବୋଲି ବ୍ରହ୍ମାନନ୍ଦ ତାଙ୍କୁ ପଚାରିବାରୁ ସେ ସମସ୍ତ ସୁନାଗହଣା ଫେରାଇବାକୁ କହି ଆଉ ଫେରାଇ ନ ଥିଲେ। ଏନେଇ ବ୍ରହ୍ମାନନ୍ଦ ପାଟପୁର ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ନଂ. ୪୬୭/୨୪ରେ ମାମଲା ରୁଜୁ କରି ପୋଲିସ କରି ତଦନ୍ତ ଚଳାଇଥିଲା। ଏସ୍‌ଆଇ ହିମାଂଶୁ ପାତ୍ର ତଦନ୍ତ ଦାୟିତ୍ୱରେ ଥିଲେ। ସମ୍ପୃକ୍ତ ନାବାଳକଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା କରିବା ପରେ ସେ ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ୨ ଜଣ ନାବାଳକଙ୍କ ନାଁ କହିଥିଲେ।

# ଅଶାନ୍ତ ଫୁଲଟାରେ ପୋଲିସର ଶାନ୍ତି ପାଇଁ ଆଲୋଚନା: ବିଶୃଙ୍ଖଳା ସୃଷ୍ଟିକଲେ କାର୍ଯ୍ୟାନୁଷ୍ଠାନ

ବ୍ରହ୍ମପୁର,୨୩।୧୦(ସୁବାସ ଚନ୍ଦ୍ର ପାଢ଼ୀ) ଗୋଷ୍ଠୀ ବିବାଦକୁ ନେଇ ନିମଖଣ୍ଡି ଥାନା ଫୁଲଟା ଗ୍ରାମରେ ୨ ଗୋଷ୍ଠୀ ମଧ୍ୟରେ ବୋମା ମାଡ ଘଟଣାରେ ଉଭୟପକ୍ଷ ମଧ୍ୟରେ ବୁଝାମଣା ପାଇଁ ପୋଲିସ ଉଦ୍ୟମ କରୁଛି। ଗାଁରେ ଫୋର୍ସ ମୁତୟନ ରହିଛି। ବର୍ତ୍ତମାନ ଉକ୍ତ ଅଞ୍ଚଳଟି ପୋଲିସ ନିୟନ୍ତ୍ରଣରେ ରହିଛି। ମଙ୍ଗଳବାର ଗ୍ରାମରେ ଶାନ୍ତି କମିଟି ବୈଠକ ବସିଛି। ବ୍ରହ୍ମପୁର ଏସପି, ମାଜିଷ୍ଟ୍ରେଟ ଓ ନିମଖଣ୍ଡି ପୋଲିସ ଉପସ୍ଥିତିରେ ଗାଁର ଏକ ମନ୍ଦିର ପରିସରରେ ଉଭୟପକ୍ଷ ମଧ୍ୟରେ ଆଲୋଚନା ହୋଇ ବିଶୃଙ୍ଖଳା ସୃଷ୍ଟି ନକରିବାକୁ ନିଷ୍ପତ୍ତି ନିଆଯାଇଛି। ଉଭୟ ଗୋଷ୍ଠୀ ତଥା ୨ ସାହିର ଲୋକେ ମିଳିମିଶି ଚଳିବେ ବୋଲି ସହମତି ପ୍ରକାଶ କରିଛନ୍ତି। ୧୫ ତାରିଖ ରାତିରେ ଫୁଲଟା ପଞ୍ଚାୟତର ସରପଞ୍ଚ ଘର ଉପରକୁ ବୋମା ମାଡ ହୋଇଥିଲା । ସରପଞ୍ଚଙ୍କ ଦିଅର ଦିଗାମ୍ବର ନାହାକ ଓ ଅନ୍ୟ କିଛି ଜଣ କୋଠଘର ସମ୍ମୁଖରେ କଥାବାର୍ତ୍ତା କରୁଥିବା ବେଳେ ସେମାନଙ୍କ ଉପରକୁ ମଧ୍ୟ ବୋମା ମାଡ ହୋଇଥିଲା । ଯାହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖା ଦେଇଥିଲା। ଏନେଇ ସରପଞ୍ଚଙ୍କ ସ୍ୱାମୀ ବିଦ୍ୟାଧର ନାହାକ ନିମଖଣ୍ଡି ଥାନାରେ ଅଭିଯୋଗ କରିବାରୁ ପୋଲିସ ନଂ. ୨୬୩/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅନ୍ୟପକ୍ଷରେ ୧୫ ତାରିଖ ରାତିରେ ଗ୍ରାମର ୧୦ରୁ ଅଧିକ ବ୍ୟକ୍ତି ହାତରେ ଖଣ୍ଡା ଓ କାତି ଓ ବୋମା ଧରି ଆତଙ୍କ ସୃଷ୍ଟି କରିଥିବା ଗାଁ ସଭାପତି ଭୋବନି ମଣ୍ଡଳ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ । ସେହି ବ୍ୟକ୍ତିମାନେ ସରପଞ୍ଚଙ୍କ ସ୍ୱାମୀଙ୍କ ଘର ନିକଟରେ ଏକତ୍ରିତ ହୋଇ ବୋମା ପକାଇବା ସହ ଗ୍ରାମର ବିଭିନ୍ନ ଛକରେ ବୋମା ମାଡ କରିଥିଲେ ବୋଲି ସଭାପତି ନିଜ ଏତଲାରେ ଦର୍ଶାଇଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ.୨୬୪/୨୪ରେ ଆଉ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ୧୫ ତାରିଖ ରାତି ଠାରୁ ଏଯାବତ ଗ୍ରାମର ୨ ଗୋଷ୍ଠୀ ମୁହାଁମୁହିଁ ପରିସ୍ଥିତିରେ ଥିବାରୁ ଫୋର୍ସ ମୁତୟନ ସହ ଘଟଣା ଉପରେ ବରିଷ୍ଠ ଅଧିକାରୀମାନେ ନଜର ରଖିଥିଲେ। ଘଟଣା ଦିନଠାରୁ ଉଭୟ ପକ୍ଷଙ୍କୁ ନେଇ ଶାନ୍ତି କମିଟି ବୈଠକ କରିବାକୁ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଥିଲା । ସେହିକ୍ରମରେ ମଙ୍ଗଳବାର ଏସପି ଡା. ସର୍ବଣା ବିବେକ ଏମଙ୍କ ସମେତ ସଦର ଏସଡିପିଓ ଶିତାଂଶୁ ଶେଖର ପରିଡା, ନିମଖଣ୍ଡି ଥାନା ଅଧିକାରୀ ରେବତୀ ଶବର, କନିଷ୍ଠ ତହସିଲଦାର ପ୍ରମୁଖ ଗ୍ରାମରେ ପହଞ୍ଚି ଉଭୟ ପକ୍ଷଙ୍କୁ ନେଇ ଶାନ୍ତି କମିଟି କରିଥିଲେ। ବୈଠକରେ ଉଭୟ ଗୋଷ୍ଠୀର ଲୋକଙ୍କ ସହ ଗ୍ରାମର ଭଦ୍ର ବ୍ୟକ୍ତି ଉପସ୍ଥିତ ଥିଲେ। ଅଶାନ୍ତି ଓ ପ୍ରତିହିଂସା ମନୋଭାବ ଛାଡି ନିଜ ଭିତରେ ମିଳିମିଶି ଚଳିବାକୁ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଥିଲା । ଯଦି ଅଶାନ୍ତି ସୃଷ୍ଟି କରି ଆଇନ ହାତକୁ ନେଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ସ୍ପଷ୍ଟ କରିଥିଲା।

